# CICA virtual workshop on 'Counter Radicalization'

February 03, 2023

## 'ଉଗ୍ରବାଦର ମୁକାବିଲା' ଉପରେ ସିଆଇସିଏର ଭର୍ଚୁଆଲ କର୍ମଶାଳା

**ଫେବୃଆରୀ 03, 2023**

ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋ (ବିପିଆର ଓ ଡି) ଏବଂ ଏହାର ବାହ୍ୟ ତାଲିମ ୟୁନିଟ୍ କେନ୍ଦ୍ରୀୟ ଗୁପ୍ତଚର ତାଲିମ ସଂସ୍ଥାନ (ସିଡିଟିଆଇ) ର ମିଳିତ ଉଦ୍ୟମରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ 'ଉଗ୍ରବାଦର ମୁକାବିଲା' ଉପରେ 02-03 ଫେବୃଆରୀ 2023 ରେ ଏକ ଭର୍ଚୁଆଲ କର୍ମଶାଳା ଆୟୋଜନ କରିଛି। ଏସିଆରେ ଆପୋଷ କଥାବାର୍ତ୍ତା ଓ ବିଶ୍ୱାସ ନିର୍ମାଣ ଉପାୟ ନିମନ୍ତେ ସମ୍ମିଳନୀ (ସିଆଇସିଏ) ଫ୍ରେମୱାର୍କ ଅନୁଯାୟୀ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

2. ଏହି ଭର୍ଚୁଆଲ କର୍ମଶାଳାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ମହାବୀର ସିଂଙ୍ଗଭି, ବିପିଆର ଓ ଡି ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ନୀରଜ ସିହ୍ନା ଏବଂ ବିପିଆର ଓ ଡି ନିର୍ଦ୍ଦେଶକ ଶ୍ରୀ ଅନୁରାଗ କୁମାର ସମ୍ବୋଧିତ କରିଥିଲେ। ଆମନ୍ତ୍ରିତ ବକ୍ତାମାନେ ଉଗ୍ରବାଦ ଓ କଟ୍ଟରବାଦ ସମେତ ମୌଳବାଦ ବୃଦ୍ଧି ଓ ଏହାର ବୈଶ୍ୱିକ ପ୍ରଭାବ, ଉଗ୍ରବାଦ ପାଇଁ ଏକ ଉପକରଣ ଭାବରେ ସୋସିଆଲ ମିଡିଆର ଅପବ୍ୟବହାର, ଉଗ୍ରବାଦର ନିୟନ୍ତ୍ରଣ ପାଇଁ ମଡେଲ୍, ଏବଂ ଉଗ୍ରବାଦ ଓ ଆନ୍ତର୍ଜାତିକ ଆତଙ୍କବାଦ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ।

3. ଏହି ଭର୍ଚୁଆଲ କର୍ମଶାଳାରେ ବାଙ୍ଗଲାଦେଶ, କାମ୍ବୋଡିଆ, ଇଜିପ୍ଟ, ଇରାକ, ଇସ୍ରାଏଲ, ଜର୍ଡାନ, ମଙ୍ଗୋଲିଆ, ପାକିସ୍ତାନ, ଋଷ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ତୁର୍କୀ, ଉଜବେକିସ୍ତାନ ଏବଂ ଭିଏତନାମ ସମେତ ଅନେକ ସିଆଇସିଏ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

**ନୂଆଦିଲ୍ଲୀ**

**ଫେବୃଆରୀ 03, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.